# Akashvani, Sambalpur

## SAMBALPURI NEWS BULLETIN

### 2 January 2025- 6.47- 6.52 am.

*********************************************

କେନ୍ଦ୍ର କେବିନେଟ୍ ବୈଠକ୍            ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା କେନ୍ଦ୍ର କେବିନେଟ୍‌ର ଇ ବଛରର୍ ପହେଲା ବୈଠକ୍ ନ ଚାଷୀମାନ୍‌କର୍ ଲାଗି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛେ । ଇଥି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାକେ ୨୦୨୫-୨୬ ତକ୍ ଜାରି ରଖିବାର୍‌କେ ଅନୁମୋଦନ୍ ମିଲିଛେ । ଇତାର୍‌ଛଡ଼ା ବୈଠକ୍‌ର ନିଷ୍ପତି ଅନ୍‌ସାରେ ଚାଷୀମାନେ ଡିଏପି ସାର୍ ୫୦ କିଲୋଗ୍ରାମ୍ ବସ୍ତା ପିଛା ୧ ହଜାର୍ ୩ ଶହ ୫୦ ଟଙ୍କାଥି ପାଇପାର୍‌ବେ । ୨୦୨୫ର ପହେଲା କେବିନେଟ୍ ଆମର୍ ଚାଷୀମାନ୍‌କର୍ ବିକାଶ୍ ଲାଗି ସମର୍ପିତ୍ ବଲି ପ୍ରଧାନ୍‌ମନ୍ତ୍ରୀ ଗଣମାଧ୍ୟମ୍‌କେ କହିଛନ୍ ।

ମୁଖ୍ୟମନ୍ତ୍ରୀ- ଝାର୍‌ସୁଗଡ଼ା ଗସ୍ତ        ଆର୍ଏନ୍ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ଆଏଜ୍ ଝାର୍ସୁଗୁଡ଼ା ଜିଲ୍ଲା ଗସ୍ତଥି ଆସୁଛନ୍ । ଆଘୋନୁ ମୁଖ୍ୟମନ୍ତ୍ରୀଙ୍କର୍ ଇ ଗସ୍ତ କାର୍ଯ୍ୟକ୍ରମ୍ ଜାନୁଆରୀ ୫ ତାରିଖେ ଥିବାର୍ ବେଲେ ତାଙ୍କର୍ ଅଲ୍‌ଗା କାମ୍ ଲାଗି କାର୍ଯ୍ୟସୂଚୀଥି ପରିବର୍ତନ୍ କରାଯାଇଛେ ବଲି ଝାର୍ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ସୂଚ୍‌ନା ଦେଇଛନ୍ । ଝାର୍ସୁଗୁଡ଼ା ଠାନେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ହେଇଥିବା ଉନ୍ନତିକରଣ୍ ପ୍ରକଳ୍ପ, ପାର୍କ, ଜଲାଶୟ ଉନ୍ନୟନ୍ କାମ୍‌ର ଶିଲାନ୍ୟାସ୍ କର୍‌ବେ । ଉପର୍‌ବେଲା ମୁଖ୍ୟମନ୍ତ୍ରୀ ବିଟିଏମ୍ ପଡ଼ିଆଠାନେ ଆୟୋଜିତ୍ ଜିଲ୍ଲା ମହୋତ୍ସବ୍ ଦୁଲ୍‌ଦୁଲିଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ପଦବୀ ସୃଷ୍ଟି ମୁଖ୍ୟମନ୍ତ୍ରୀ         ସିଏମ୍‌ଓ

ରାଏଜେ ଦୁର୍ନୀତି ନିବାରଣ୍ ସଂସ୍ଥାର୍ ଶକ୍ତି ବଢ଼ାବାର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ଇତାର୍ ଭିନ୍ ଭିନ୍ ପଦ୍‌ବୀ ସଂଖ୍ୟା ବଢ଼େଇକରି ନୂଆଁ ପଦ୍‌ବୀ ସୃଷ୍ଟି କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଇ ନିଷ୍ପତି ଅନ୍‌ସାରେ ରାଏଜେ ଭିଜିଲାନ୍ସଥି ୮ ଟା ଅତିରିକ୍ତ ଏସ୍.ପି., ୨୪ ଟା

ଡିଏସ୍‌ପି ଆର୍ ୧୬ ଟା ପୁଲିସ୍ ସବ୍‌ଇନ୍ସପେକ୍ଟର୍ ପଦ୍‌ବୀ ସୃଷ୍ଟି କରାଯାଇଛେ । ଇ ବାବ୍‌ଦେ ଗୁଟେ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ଅନୁମୋଦନ୍ କରିଛନ୍ ।

ନିଯୁକ୍ତି ସୃଷ୍ଟି -ମୁଖ୍ୟମନ୍ତ୍ରୀ      I&PR

ରାଏଜେ ଆଏବା ୫ ବରସ୍ ଭିତ୍‌ରେ ସର୍‌କାରୀସ୍ତର୍‌ଥି ଦେଢ଼୍‌ଲାଖ୍ ନିଯୁକ୍ତି ଲାଗି ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ  ସୂଚ୍‌ନା ଦେଇଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ନିଯୁକ୍ତି ଆୟୋଗ୍‌ର ଅଧ୍ୟକ୍ଷ ମାନ୍‌କର୍ ସହେତେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ଠାନେ ହେଇଥିବା ଗୁଟେ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରିକରି ଇଟା କହିଛନ୍ । ରାଜ୍ୟର୍ ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ଆର୍ କୃଷି ବିଭାଗ୍ ନ ଖାଲିଥିବା ପଦ୍‌ବୀ ମାନ୍‌କୁ ଜଲ୍‌ଦି ପୂରଣ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଆଏବା ୨ ବରସ୍ ଭିତ୍‌ରେ ୬୫ ହଜାର୍ ପଦ୍‌ବୀଥି ନିଯୁକ୍ତି ଦେବାର୍ ଲାଗି ଥିର୍ ହେଇଛେ । ଆଏବା ମାର୍ଚ୍ଚ ୩୧ ତକ୍ ସବୁ ବିଭାଗ୍‌ଥି ଖାଲିଥିବା ପଦ୍‌ବୀକେ ପୂରଣ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଗ୍ରାଚୁଇଟି ବୃଦ୍ଧି- ମୁଖ୍ୟମନ୍ତ୍ରୀ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ସର୍କାରୀ ଅନୁଦାନ୍ ପ୍ରାପ୍ତ ବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍କର୍ ଶିକ୍ଷକ୍ ଆର୍ କର୍ମଚାରୀଙ୍କର୍ ଗ୍ରାଚୁଇଟିକେ ବଢ଼େଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ଇ ନିଷ୍ପତି ଉତ୍ରୁ ରାଜ୍ୟର୍ ସର୍କାରୀ ଅନୁଦାନ୍ ପ୍ରାପ୍ତ ବିଦ୍ୟାଳୟ ଆଉ ମହାବିଦ୍ୟାଳୟର୍ ଶିକ୍ଷକ୍ ଆର୍ ଅଣଶିକ୍ଷକ୍ କର୍ମଚାରୀମାନ୍କର୍ ମୃତ୍ୟୁ ଆର୍ ଅବସରକାଳୀନ ଗାଚୁଇଟି ୫ ଲାଖ୍‌ନୁ ସାଢ଼େ ୭ ଲାଖ୍ ଟଙ୍କାକେ ବଢ଼ାହେଇଛେ ।

ଇ-କେଓ୍ୱାଇସି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ରାସନ୍ ପାଉଥିବା ହିତାଧିକାରୀମାନ୍କର୍ ଭିତ୍ରୁ ଇହାଦେତକ୍ ୮୫ ପ୍ରତିଶତ୍ ଇ -କେଓ୍ୱାଇସି କରିସାରିଛନ୍ ଆଉ ୫୦ ଲାଖ୍ ହିତାଧିକାରୀ ଇ-କେଓ୍ୱାଇସି ନାଇଁ କରି ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ଯେ, ଆଏବା ୧୫ ତାରିଖ୍‌ତକ୍ ଇ ପ୍ରକ୍ରିୟା ଶେଷ୍ ହେବା ଆଉ ବାହାର୍ ରାଏଜ୍‌କେ

ଦାଦନ୍ ଲାଗି ଯାଇଥିବା ଲୁକ୍‌କର୍ ନିକେ ସରକାରୀ ଅଧିକାରୀମାନେ ଯାଇକରି ଇ-କେଓ୍ୱାଇସି କରାବେ ।

ସିଙ୍ଗିଲ୍ ଓ୍ୱିଣ୍ଡୋ ବୈଠକ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଶିଳ୍ପକ୍ଷେତ୍ରକେ ଡହଁକାବାର୍ ଲାଗି ୨୫ ଟା କମ୍ପାନୀ ଥାପ୍‌ନା ହେବା । ଇ କମ୍ପାନୀମାନେ ମିଲିତ୍ ଭାବେ ରାଏଜେ ୪ ହଜାର୍ ୨ ଶହ ୨୨ ଦଶ୍‌ମିକ୍ ୨/୪ କୋଟି ଟଙ୍କା ବିନିଯୋଗ୍ କର୍‌ବେ । ଗଲାକାଏଲ୍ ଶହେ ୩୩ ନମ୍ବର୍ ରାଜ୍ୟସ୍ତରୀୟ ସିଙ୍ଗିଲ୍ ଓ୍ୱିଣ୍ଡୋ ଅନୁମୋଦନ୍ କର୍ତୃପକ୍ଷଙ୍କର୍ ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ମନୋଜ୍  ଆହୁଜା ଇ ସୂଚ୍‌ନା ଦେଇଛନ୍ ।

କୃଷି ଓଡ଼ିଶା -୨୦୨୫          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତରଫୁ ଆଏଜ୍ ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ଖେଲ୍‌ପଡ଼ିଆ ଠାନେ କୃଷି ଓଡ଼ିଶା -୨୦୨୫ ମୁଲ୍ ହେବା । ୩ ଦିନ୍ ଧରିକରି ଚାଲ୍‌ବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ଥି କୃଷି ଯନ୍ତ୍ରପାତି ଆର୍ ଅଲ୍‌ଗା ସୁବିଧା ଲାଗି ଅନ୍‌ଲାଇନ୍ ବୁକିଂ, କୃଷି ଶିକ୍ଷା ଶିବିର, କୃଷକ ସେବା ଆର୍

ସୁଗମ କେନ୍ଦ୍ର ଆୟୋଜିତ ହେବା । ଇଥି ଭଲ୍ କାମ୍ କରିଥିବା ଚାଷୀ ଆର୍ ମହିଲା ସ୍ୱୟଂସହାୟକ ଗୋଷ୍ଠୀମାନ୍‌କୁ ସମ୍ବର୍ଦ୍ଧନା କରାଯିବା ।

ଖାଓ ଗଲି-ସମ୍ବଲପୁର ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ତର୍‌ଫୁ ଉଠାଦୁକାନୀମାନ୍‌କୁ ଥଇଥାନ୍ କର୍‌ବାର୍ ଲାଗି ଜେଲ୍‌ଛକନୁ ମ୍ୟୁନିସିପାଲ୍‌ଟି ଛକତକ୍ ଯାଇଥିବା ରାସ୍ତାଥି 'ଖାଓ ଗଲି' ଖୁଲାଯିବା । ଇଥିର୍‌ଲାଗି ସବୁ ପ୍ରସ୍ତୁତି ସରିଛେ ଆଉ ହପ୍ତେ ଭିତ୍‌ରେ ଇତାର୍ ଉଦ୍‌ଘାଟନ୍ କରାଯିବା ବଲି ମହାନଗର୍ ନିଗମ୍ ଡେପୁଟି କମିଶନର୍ ଶୁଭଦିପ୍ତା ମହାନ୍ତି ସୂଚ୍‌ନା ଦେଇଛନ୍ । ଇ ଖାଓ ଗଲିଥି ଗୁଟେ ଜାଗା ନ ସବୁ ପ୍ରକାର୍ ଖାଏବାର୍ ଦରବ୍ ଲୁକ୍‌କୁ ମିଲିପାର୍‌ବା । ଇତାର୍‌ସହେତେ ରାସ୍ତା ତରାଥି ଥିବା ଉଠାଦୁକାନୀମାନ୍‌କର୍ ଲାଗି ଭିଲ୍ ସବୁ ବ୍ୟବସ୍ଥା କରାଯିବା ବଲି ସୂଚ୍‌ନା ମିଲିଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ସୁର୍‌ମା ହକି କ୍ଲବ୍

ଆର୍ ୟୁପି ରୁଦ୍ରାସ୍ ଦଲ୍ ଭିତ୍ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ହେଇଥିବା ମେଚ୍‌ଥି ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ ୨-୧ ଗୋଲ୍‌ଥି ଟିମ୍ ଗୋନାସିକା କେ ହରେଇଛେ ।